## ସଂକ୍ଷେପରେ

### ମାଡ଼ ମାରି ଟଙ୍କା ଲୁଟ୍‌, ୨ ଗିରଫ



ଗିରଫ ଦୁଇ ଅଭିଯୁକ୍ତ।

**ବଇଣ୍ଡା,୨୨।୯(ଡି.ଏନ.ଏ.):** ହଣ୍ଡପା ଥାନା ବଇଣ୍ଡା ଛକ ଆଠମଲ୍ଲିକ ରୋଡ୍‌ରେ ଦୋକାନ ଦେଇଥିବା ଶିକ୍ଷକପଡା ଗ୍ରାମର ମଧୁସୂଦନ ମାଲୁଆଙ୍କୁ ଲୁହାମୁଣ୍ଡା ଗ୍ରାମର ରୋହିତ ବେହେରା, ଆନନ୍ଦମୁଣ୍ଡା ଗ୍ରାମର ଦେବାଶିଷ ପ୍ରଧାନ, ନୁନୁକାପଣି ଗ୍ରାମର ସାଗର ଭୋଇ ମାଡ଼ ମାରି ୬ ହଜାର ଟଙ୍କା ଲୁଟି ନେଇଥିବା ମଙ୍ଗଳବାର ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୨୮/୨୧ ରେ ଏକ ମାମଲା ରୁଜୁ କରି ବୁଧବାର ଅଭିଯୁକ୍ତ ରୋହିତ ଓ ଦେବାଶିଷଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୬ ହଜାର ଟଙ୍କା ସହ ଏକ ବାଇକ୍ ଜବତ କରାଯାଇଛି। ସାଗର ଫେରାର ହୋଇଯାଇଛନ୍ତି। ପୋଲିସ କହିଛି, ରୋହିତ, ଦେବାଶିଷ, ସାଗର ଏକ ବାଇକ ଯୋଗେ ଆସି ମଧୁସୂଦନଙ୍କୁ ଦାଦା ବଟି ମାଗିଥିଲେ। ମଧୁସୂଦନ ମନା କରିବାରୁ ଅଭିଯୁକ୍ତମାନେ ମାଡ଼ ମାରିବା ସହ ଦୋକାନରୁ ୬ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ବଅଁରପାଳ,୨୨।୯(ଡି.ଏନ.ଏ.):** ବଅଁରପାଳ ବ୍ଲକର ନୂତନ ଶିକ୍ଷା ଅଧିକାରୀ ଭାବେ ଯୋଗଦେଇଥିବା ଦେବାନନ୍ଦ ଖୁଣ୍ଟିଆ



ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ଗଡ଼ପଳାଶୁଣିସ୍ଥିତ ବାପୁଜୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ବ୍ଲକ ଶିକ୍ଷା ଅଧିକାରୀ ପ୍ରତିଭା ବାରିକଙ୍କ ଅନୁଗୋଳ ଜିଲା ଶିକ୍ଷା କାର୍ଯ୍ୟାଳୟକୁ ବଦଳି ହୋଇଯାଇଛି। ଦେବାନନ୍ଦ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଅତିରିକ୍ତ ଶିକ୍ଷା ଅଧିକାରୀ ଅଶୋକ ରାଉତ, ସୁଷମା ପଟ୍ଟନାୟକ, ପ୍ରଦୀପ ମାଝି, ବିଆର୍‌ସିସି ଜିତେନ୍ଦ୍ର ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

### କଳାପାଟଙ୍କ ବାର୍ଷିକ ପୂଜା

**ବଅଁରପାଳ,୨୨।୯(ଡି.ଏନ.ଏ.):** ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମର ମା' କଳାପାଟଙ୍କ ବାର୍ଷିକ ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମ ଦିଅଁ ଘରୁ ମା'ଙ୍କ ଆଲମକୁ ଗ୍ରାମ ପରିକ୍ରମା କରାଯାଇ ପୀଠସ୍ଥଳକୁ ଅଣାଯାଇଥିଲା। ଏହାପରେ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ପଡିଆର ବାଙ୍କନିଧି ସାମଲ, ପୂଜକ ଚେଣ୍ଡଲ ମହାପାତ୍ର, ବାବୁ ସାମଲ, ଅଜୟ ସାମଲ, ବିଜୟ ସାମଲ, ପରୁ ସାମଲ, ସନ୍ତୋଷ ସାମଲ, ଜହ୍ନ ସାମଲ, ଅମିତ ସାମଲ ପ୍ରମୁଖ ସହଯୋଗ କରିଥିଲେ।

### କର୍ମକର୍ତ୍ତା ଚୟନକୁ ବିରୋଧ

**ବଅଁରପାଳ,୨୨।୯(ଡି.ଏନ.ଏ.):** ଆଲୁମିନିୟମ୍ ମଜଦୁର ସଂଘର ହୋଇଥିବା ନୂତନ କର୍ମକର୍ତ୍ତା ଚୟନକୁ ସଂଘ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା ଓ ସଭାପତି ସୁବାସ ଚନ୍ଦ୍ର ସାହୁ ବିରୋଧ କରିଛନ୍ତି। ସେମାନେ ଏକ ପ୍ରେସ୍ ବିବୃତିରେ କହିଛନ୍ତି, ଗତ ୧୨ ତାରିଖରେ କୌଣସି ସାଧାରଣ ଅଧିବେଶନ ହୋଇନାହିଁ। କିନ୍ତୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବୈଠକ କରି ସଙ୍ଗଠନକୁ ବଦନାମ କରିବା ସହ ନୂତନ କର୍ମକର୍ତ୍ତା ଚୟନ କରିଛନ୍ତି। ସଂଘକୁ ବଦନାମ କରିବା ଉଦ୍ଦେଶ୍ୟରେ କେତେକ ବ୍ୟକ୍ତି ଏଭଳି ଚକ୍ରାନ୍ତ କରିଥିବା ବେହେରା ପ୍ରକାଶ କରିଛନ୍ତି।

### ଅବକାରୀ ନିରୀକ୍ଷକଙ୍କୁ ଆକ୍ରମଣ

**ବଇଣ୍ଡା,୨୨।୯(ଡି.ଏନ.ଏ.):** ହଣ୍ଡପା ଥାନା ବୁଦୁଲିମୁଣ୍ଡା ଗ୍ରାମରେ ବୁଧବାର ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ସମୟରେ ନିରୀକ୍ଷକ ଓ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନାଙ୍କ ଅଭିଯୋଗକ୍ରମେ ନଂ. ୨୩୧/୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ବୁଦୁଲିମୁଣ୍ଡା ଗ୍ରାମରେ ଦେଶୀ ମହୁଲି ମଦ ରନ୍ଧା ହୋଇ ବିକ୍ରି ହେଉଥିଲା। ଖବରପାଇ ଉକ୍ତ ଗ୍ରାମରେ ଚଢାଉ ବେଳେ ସେହି ଗ୍ରାମର ରାଜେଶ ସାହୁ, ସରୋଜ ସାହୁ, କାଳିଆ ସାହୁ, ଅମିତ ସାହୁ, ମନୋଜ ସାହୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ

**ବଅଁରପାଳ,୨୨।୯(ଡି.ଏନ.ଏ.):** ବଅଁରପାଳ ବ୍ଲକ ସାମଲ ଅଟୋ ଇଣ୍ଡିଆ ପକ୍ଷରୁ ବିଶ୍ୱକର୍ମା ପୂଜା ୭ ଦିନ ଧରି ପାଳିତ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ସମଲଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ବୁଧବାର ଭସାଣି ଉତ୍ସବ ଅବସରରେ ବିଶ୍ୱ ନିୟନ୍ତାଙ୍କୁ ବଅଁରପାଳ ବଜାର ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା।

# ଲାଭ ଦେଇଛି ଲଘୁଚାପ

**ଅନୁଗୋଳ ଅଫିସ,୨୨।୯**

- ଅନୁଗୋଳ ଜିଲାରେ ପ୍ରଭାବିତ ହୋଇନି ଧାନ ଫସଲ
- ଭଲ ବର୍ଷା ପରେ ପାଣିରେ ବୁଡ଼ିଥିଲା ୨୫୦ ହେକ୍ଟର
- ଦିନକ ପରେ ଜମିରୁ ଜଳ ନିଷ୍କାସନ ଯୋଗୁ ଆଶ୍ୱସ୍ତି



ଅଗଷ୍ଟରେ ଫାଟି ଆଁ କରିଥିଲା ଜମି। ବର୍ଷାକୁ ଚାହିଁ ଚାହିଁ ଗଡ଼ି ଯାଇଥିଲା ଚାଷ ସମୟ। ଫଳରେ ଧାନ ଫସଲକୁ ନେଇ ପୂରଣ ହୋଇପାରିଲାନି ଲକ୍ଷ୍ୟଧାର୍ଯ୍ୟ। ତଥାପି ମରୁଡ଼ି ଆଶଙ୍କାରେ ଆତଙ୍କିତ ହୋଇପଡ଼ିଥିଲେ ଅନୁଗୋଳ ଜିଲାର ଚାଷୀ। ହେଲେ ସେପ୍ଟେମ୍ବରରେ ବଦଳିଗଲା ସ୍ଥିତି। ଘନ ଘନ ଲଘୁଚାପ ସହ ଲଗାଣ ବର୍ଷା ଜିଲାର ଅନେକ ଅଞ୍ଚଳକୁ ଜଳପ୍ଲାବିତ କରିଦେଲା। ଶୁଖି ଆସୁଥିବା ଚାଷୀ ମୁହଁରେ ହସ ଖେଳାଇଦେଲା। ତେବେ ଅନ୍ୟ ଜିଲାପରି ଅତି ପ୍ରବଳ ବର୍ଷା ହୋଇ ନ ଥିବାରୁ ଅନୁଗୋଳର ଚାଷୀଙ୍କୁ ମିଳିଛି ଲାଭ। ଜିଲାରେ ସେପରି ପ୍ରଭାବିତ ହୋଇନି ଧାନ ଫସଲ। ବୁଡ଼ି ରହିଥିବା ୨୫୦ ହେକ୍ଟର ଜମି ଉପରୁ ତୁରନ୍ତ ପାଣି ଛାଡ଼ିଯାଇଥିବାରୁ ଏବେ ସତେଜ ହୋଇଉଠିଛି ଧାନ ଗଛ।

ଚଳିତବର୍ଷ ଅନୁଗୋଳ ଜିଲାର ୮୬ ହଜାର ୦୪୫ ହେକ୍ଟର ଜମିରେ ଧାନ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ସ୍ୱଳ୍ପ ବୃଷ୍ଟି ଏଥିରେ ଅନ୍ତରାୟ ସାଜିଥିଲା। ବହୁ କଷ୍ଟରେ ଚାଷୀକୁଳ ୭୧ ହଜାର ୯୦୪ ହେକ୍ଟରରେ ଫସଲ କରିଥିବାବେଳେ ୧୪ ହଜାର ୧୪୧ ହେକ୍ଟର ପଡ଼ିଆ ପଡ଼ିଥିଲା। ଏଣେ ତଳି ବୁଢ଼ା ହୋଇଯାଉଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଥିଲା। ହେଲେ ବର୍ଷାର ଦେଖା ନ ଥିଲା। ଚାଷୀମାନଙ୍କ ହତାଶ ଭାବକୁ ଦେଖି ଅଧିକ ବିଳମ୍ବ ନ କରି ଅନୁଗୋଳ ଜିଲାକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ବିରୋଧୀ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଜୋରଦାର ଦାବି କରାଯାଇଥିଲା। ସରକାରୀ ସ୍ତରରେ ମଧ ଧାନ ଚାଷର ବିକଳ୍ପ ବ୍ୟବସ୍ଥା ଉପରେ ବିଚାର ବିମର୍ଶ ଜାରି ରହିଥିଲା। କେତେକ ବ୍ଲକରେ ତୈଳବୀଜ ଚାଷ କରିବାକୁ ଚାଷୀଙ୍କୁ ପରାମର୍ଶ ମଧ ଦିଆଯାଇଥିଲା। ମାତ୍ର ସେପ୍ଟେମ୍ବରରେ ପାଣିପାଗର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଲଘୁଚାପଜନିତ ବର୍ଷା ପାଣିରେ ଚାଷ ଜମି ସବୁ ଭରିଯାଇଥିଲା। ଚାଷ ହୋଇଥିବା ୮୬ ହଜାର ୦୪୫ ହେକ୍ଟର ମଧ୍ୟରୁ ମାତ୍ର ୨୫୦ ହେକ୍ଟରରେ ଫସଲ ବୁଡ଼ି ଯାଇଥିଲା। କିନ୍ତୁ ଉକ୍ତ ପାଣି ଅଧିକ ଦିନ ନ ରହିବାରୁ ଅନ୍ୟ ଜିଲାରେ ଯେପରି ଫସଲ ପଚିଶଡ଼ି ଯାଇଛି, ସେପରି କ୍ଷୟକ୍ଷତିରୁ ଅନୁଗୋଳ ଜିଲା ବର୍ତ୍ତି ଯାଇଥିଲା। ତଥାପି ଯେଉଁ ସ୍ୱଳ୍ପ ପରିମାଣର କ୍ଷତି ହୋଇଛି ତାହାକୁ ତୁରନ୍ତ ଯେପରି ଭରଣା କରାଯିବ ସେ ଦିଗରେ ଦୃଷ୍ଟି ଦେବାକୁ ଜିଲାର ଚାଷୀମାନେ ଦାବି କରିଛନ୍ତି।

**ଅନୁଗୋଳ ଜିଲାରେ ଧାନ ଚାଷର ସ୍ଥିତି**

| ବ୍ଲକ | ଲକ୍ଷ୍ୟଧାର୍ଯ୍ୟ (ହେକ୍ଟରରେ) | ଚାଷ | ହୋଇନାହିଁ |
| --- | --- | --- | --- |
| ଅନୁଗୋଳ | ୧୨,୨୧୦ | ୭,୦୬୭ | ୫,୧୪୩ |
| ବଅଁରପାଳ | ୧୦,୬୭୫ | ୮,୯୭୧ | ୧,୭୦୪ |
| ଛେଣ୍ଡିପଦା | ୧୨,୪୬୩ | ୯,୪୪୩ | ୩,୦୨୦ |
| ଆଠମଲ୍ଲିକ | ୧୨,୧୮୬ | ୧୦,୫୧୫ | ୧,୬୭୧ |
| କିଶୋରନଗର | ୮,୪୩୨ | ୬,୬୮୦ | ୧,୭୫୨ |
| ତାଳଚେର | ୭,୫୪୦ | ୭,୩୩୯ | ୨୦୧ |
| କଣିହାଁ | ୧୨,୧୭୯ | ୧୧,୫୨୯ | ୬୫୦ |
| ପାଲଲହଡ଼ା | ୧୦,୩୬୦ | ୧୦,୩୬୦ | |
| ମୋଟ | ୮୬,୦୪୫ | ୭୧,୯୦୪ | ୧୪,୧୪୧ |

**ଆଶଙ୍କାରୁ ମିଳିଛି ମୁକ୍ତି**



“ଗତ ଲଗାଣ ବର୍ଷାରେ ଜିଲାରେ କୃଷି କାର୍ଯ୍ୟ ପ୍ରଭାବିତ ହୋଇନାହିଁ। ଯେଉଁ କିଛି ଜମିରେ ବର୍ଷା ପାଣି ଜମି ରହିଥିଲା, ତାହା ଦିନଟିଏ ପରେ ନିଷ୍କାସିତ ହୋଇଯାଇଛି।

-ଦେବରାଜ ମହାନ୍ତି, ଜିଲା ମୁଖ୍ୟ କୃଷି ଅଧିକାରୀ, ଅନୁଗୋଳ

**କାମରେ ଆସିବ ନାହିଁ**



“ଠିକ୍ ସମୟରେ ବର୍ଷା ନ ହେବାରୁ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଚାଷ ବାଧାପ୍ରାପ୍ତ ହୋଇଥିଲା। ତେବେ ଲଘୁଚାପ ବର୍ଷା ହୋଇଥିଲେ ମଧ ବୁଢ଼ା ହୋଇଯାଇଥିବା ତଳି ଆଉ କାମରେ ଆସିବ ନାହିଁ।

-ସାଧୁ ଚରଣ ବାରିକ, କଙ୍କରେଇ, ଛେଣ୍ଡିପଦା

**ଋଣ ପୈଠ ନେଇ ଚିନ୍ତାରେ**



“ଲଘୁଚାପ ବର୍ଷାରେ କିଛି ଧାନ ଫସଲ ନଷ୍ଟ ହୋଇଛି। ଫଳରେ ଋଣୀ ଚାଷୀମାନେ ଚିନ୍ତାରେ ଅଛନ୍ତି। ରାଜ୍ୟ ସରକାର ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେଲେ ସେମାନେ ଉପକୃତ ହେବେ।

-ସୁଜିତ ମିଶ୍ର, ଚାଷୀ, ଠାକୁରଗଡ

**ଚାଷୀଙ୍କୁ ସାର ମିଳୁନି**



“ଲଘୁଚାପ ବର୍ଷା ପରେ ସାର ମିଳୁ ନ ଥିବାରୁ ଚାଷୀମାନେ କ୍ଷତି ସହିବାର ଆଶଙ୍କା ଦେଖାଦେଇଛି। ସରକାର ପ୍ରତିନିଧି ଦଳ ପଠାଇ ସ୍ଥିତି ଅନୁଧାନ କରିବା ସହ ସହାୟତା ନେଇ ଘୋଷଣା କରନ୍ତୁ।

-ଗୋପାଳ ନାୟକ, ମିଣ୍ଡୋଳ

# 'ମହିଳାମାନେ ଆତ୍ମନିର୍ଭରଶୀଳ ହୁଅନ୍ତୁ'




କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

**ବଇଣ୍ଡା,୨୨।୯(ଡି.ଏନ.ଏ.)**

ଗ୍ରାମାଞ୍ଚଳର ମହିଳାମାନେ କିଭଳି ସ୍ୱାବଲମ୍ବୀ ହେବେ ସେଥିପାଇଁ ସରକାର ବହୁ ଯୋଜନା ପ୍ରଚଳନ କରିଛନ୍ତି। ଏପରିକି ବିଭିନ୍ନ ବ୍ୟାଙ୍କ ଜରିଆରେ ଋଣ ଯୋଗାଇ ଦେଉଛନ୍ତି। ତେଣୁ ସମସ୍ତ ମହିଳା କିଭଳି ସମାଜରେ ଆତ୍ମନିର୍ଭରଶୀଳ ହେବେ ସେଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବୁଧବାର କିଶୋରନଗର ବ୍ଲକ ନାକିଚି ରାଜୀବ ଭବନଠାରେ ଜୀବିକା ମିଶନ ଓ ଇକୋ ଗ୍ରାମ୍ୟ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନ ଅନୁଗୋଳ ପକ୍ଷରୁ ଅନୁଷ୍ଠିତ ଛତୁ ଚାଷ ତାଲିମ ଶିବିରର ଉଦ୍‌ଯାପନୀ ସଭାରେ ଯୋଗଦେଇଥିବା ଅତିଥିମାନେ ମତ ଦେଇଛନ୍ତି। ଏଥରେ ବ୍ଲକର ୩୫ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, ଅନ୍ୟତମ ଅତିଥି ଭାବେ ତାଲିମ୍ ସଙ୍ଗଠକ ମାନସ ସାମନ୍ତ, ବ୍ଲକ କୋର୍ଡିନେଟର ସୁଜିତ କୁମାର ପ୍ରଧାନ, ଏମ୍‌ବିକେ ସରୋଜିନୀ ପ୍ରଧାନ ଯୋଗ ଦେଇଥିଲେ। ଶୈଳେନ୍ଦ୍ର କୁମାର ପ୍ରଧାନ ପ୍ରଶିକ୍ଷକ ଭାବେ ଯୋଗଦେଇ କିଭଳି ମହିଳାମାନେ ଛତୁ ଚାଷ କରି ଭଲ ଲାଭ ବାନ ହେବେ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଛେଣ୍ଡିପଦା,୨୨।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କଣଲୋଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମରେ ବର୍ଷା ଜଳ ନିଷ୍କାସନରେ ସମସ୍ୟା, କଣଲୋଇ, ମାରୁଡିପ ଗ୍ରାମର ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହେବା, ମଧୁବାବୁ ପେନସନ୍ ଯୋଜନାରେ ଯୋଗ୍ୟ ହିତାଧିକାରୀ ବାଦ ପଡିବା ଆଦିର ପ୍ରତିବାଦରେ ବିକ୍ଷୋଭ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ନାଏକ, ଧୀରେନ୍ଦ୍ର ମହାପାତ୍ର, ବିମଳ ରାଉଳ, ଜୀବନାନନ୍ଦ ମାଝି, କୁମର ମାଝି, ପ୍ରିୟବ୍ରତ ମାଝି, କାଳିଆ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଗଢ଼ା ହେଲା ୪ ଜଣିଆ ଟିମ୍

**ଅନୁଗୋଳ ଅଫିସ, ୨୨।୯**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଏକ କ୍ୱାର୍ଟର୍ସ ମଧ୍ୟରୁ ବିପୁଳ ପରିମାଣର ଏକ୍ସପାଏରି ଔଷଧ ବାହାରିବା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏହାର ତଦନ୍ତ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସିଡିଏମ୍‌ଓ ଡାକ୍ତର ତ୍ରିଲୋଚନ ପ୍ରଧାନଙ୍କ ନିର୍ଦ୍ଦେଶରେ ଏଡିଏମ୍‌ଓ ମେଡିକାଲ ଡାକ୍ତର ମାନସ ରଞ୍ଜନ ବିଶ୍ୱାଳ ଏହାର ତଦନ୍ତ ଆରମ୍ଭ କରିଥିଲେ। ବୁଧବାର ସିଡିଏମ୍‌ଙ୍କୁ ଉକ୍ତ ରିପୋର୍ଟ ପ୍ରଦାନ କରିବାର ଥିଲା। କିନ୍ତୁ ତଦନ୍ତ ଅଧାରୁ ଏଡିଏମ୍‌ଓ ହଠାତ୍ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଅସମର୍ଥ ପ୍ରକାଶ କରିବା ସହ ଏ ନେଇ ଏକ ଟିମ୍ ଗଢ଼ି ତଦନ୍ତ କରିବାକୁ ସିଡିଏମ୍‌ଙ୍କୁ ଅବଗତ କରିଥିଲେ। ଏହାପରେ ସିଡିଏମ୍‌ଓ ତୁରନ୍ତ ଏକ ୪ ଜଣିଆ ଟିମ୍ ଗଢ଼ି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଟମ୍‌ରେ ଏଡିଏମ୍‌ଓ(ମେଡିକାଲ) ଡାକ୍ତର ବିଶ୍ୱାଳଙ୍କ ସହ ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଡାକ୍ତର ଧନଞ୍ଜୟ ବେହେରା, ଜିଲା କୃଷ୍ଣ ଅଧିକାରୀ ଡାକ୍ତର ବିଶ୍ୱ ବିହାରୀ ମହାନ୍ତି ଓ ସିଡିଏମ୍‌ଓଙ୍କ ଜଣେ ପ୍ରତିନିଧି ରହିଛନ୍ତି। ପରେ ଅବସରପ୍ରାପ୍ତ ଷ୍ଟୋର ଫାର୍ମାଶିଷ୍ଟ ବିନୋଦ ସରଙ୍କ ସହ ବର୍ତ୍ତମାନର ଷ୍ଟୋର ଫାର୍ମାଶିଷ୍ଟ ଅକ୍ଷୟ ବିଶ୍ୱାଳ, ଜୁନିୟର ଫାର୍ମାଶିଷ୍ଟ ବିଭୂତି ଭୂଷଣ ସାହୁ, ଏଷ୍ଟାବ୍ଲିଶମେଣ୍ଟ କର୍ମଚାରୀ ସୁବ୍ରତ ବେହେରାଙ୍କୁ ଡାକି ତଦନ୍ତ କରାଯାଇଥିଲା। ରାତି ପର୍ଯ୍ୟନ୍ତ ସେମାନଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ଦୁଇ ଦିନ ମଧ୍ୟରେ ତଦନ୍ତ ଶେଷ ହେବା ପରେ ସିଡିଏମ୍‌ଙ୍କୁ ଲିଖିତ ଭାବେ ରିପୋର୍ଟ ପ୍ରଦାନ କରାଯିବ ବୋଲି କମିଟିରେ ଥିବା ଜଣେ ଅଧିକାରୀ କହିଛନ୍ତି। ଏହାପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ସମ୍ପୃକ୍ତ ଅଧିକାରୀ ପ୍ରକାଶ କରିଛନ୍ତି।

## ଆଇଟି ସଂଯୋଜକଙ୍କ କର୍ମଶାଳା

**ପାଲଲହଡ଼ା,୨୨।୯(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ବିଜେଡି ତରଫରୁ ଆଇଟି ସଂଯୋଜକଙ୍କ କର୍ମଶାଳା ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ଟି ପଞ୍ଚାୟତର ବିଜେଡି ଆଇଟି ସଂଯୋଜକ ସମେତ କର୍ମୀମାନେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ କୁମାର ପାଳ, ବ୍ଲକ ଅଧକ୍ଷ ନବକିଶୋର ନାଏକ, ବ୍ଲକ ଯୁବ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାମଲ, ଛାତ୍ର ବିଜେଡି ସଭାପତି ସବ୍ୟସାଚୀ କପର୍ଦ୍ଦାର, ବ୍ଲକ ଆଇଟି ସଂଯୋଜକ ଶିବଦତ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ ପରିଚାଳନା କରିଥିଲେ।

## ମଦ ଜବତ, ୩ ଗିରଫ

**ବଇଣ୍ଡା,୨୨।୯(ଡି.ଏନ.ଏ.)**

ହଣ୍ଡପା ଓ ଠାକୁରଗଡ ପୋଲିସ ବିଭିନ୍ନ ଅଞ୍ଚଳରେ ଚଢାଉ କରି ୪୦ ଲିଟର ମଦ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ହଣ୍ଡପା ପୋଲିସ କନ୍ଧରାମୁଣ୍ଡା ଗ୍ରାମରେ ଚଢାଉ କରି ଚକେଇ ସାହୁଙ୍କ ଠାରୁ ୨୦ ଲିଟର ଓ ବଡଡଙ୍ଗୀଆଣି ଗ୍ରାମରେ ଚଢାଉ କରି ଅକ୍ରୁର ନାୟକଙ୍କ ଘରୁ ୧୦ ଲିଟର ଦେଶୀ ମଦ ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି। ସେହିପରି ଠାକୁରଗଡ ପୋଲିସ ପାଇକସାହି ଗ୍ରାମରେ ଦୋକାନ ଦେଇଥିବା କଳାପାଟନାଳି ଗ୍ରାମର କାହ୍ନୁ ବେହେରାଙ୍କଠାରୁ ୧୦ ଲିଟର ବିଦେଶୀ ମଦ ଜବତ କରିବାସହ ତାଙ୍କୁ ଗିରଫ କରାଯାଇଛି। ବୁଧବାର ସମସ୍ତଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି।

## ବ୍ୟାଙ୍କ ଅଫ୍ ବରୋଦାର ଋଣମେଳା

**ବନ୍ତଲା,୨୨।୯(ଡି.ଏନ.ଏ.)**




ଋଣ ମେଳା ଅବସରରେ ଯୋଗଦେଇଥିବା ଅତିଥିମାନେ।

ଅନୁଗୋଳ ଜିଲା ବନ୍ତଲା ଥାନା ନନ୍ଦପୁରସ୍ଥିତ କରତପଟା ବ୍ୟାଙ୍କ ଅଫ୍ ବରୋଦା ଶାଖା ପକ୍ଷରୁ ବୁଧବାର ପୋକତୁଙ୍ଗା ରଣେଶ୍ୱର ମନ୍ଦିର ପରିସରରେ ବିଶାଳ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରିଜିଓନାଲ ଅଫିସ ସମ୍ବଲପୁରର ମ୍ୟାନେଜର ଆର୍ଯ୍ୟ ପ୍ରକାଶ ଦାସ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। କରତପଟା ଶାଖା ପ୍ରବନ୍ଧକ ତରଣୀ ସେନ ରଉତିଆ ମେଳା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବ୍ଲକ ବିଏଲ୍‌ସି ଅକ୍ଷୟ କୁମାର ନାୟକ, ରିଜିଓନାଲ ବରିଷ୍ଠ ମ୍ୟାନେଜର ପୁରନ୍ଦର ମେହେର, ନନ୍ଦପୁର ସରପଞ୍ଚ ଅନିତା ପ୍ରଧାନ, ପୋକତୁଙ୍ଗା ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ପ୍ରଧାନ, ଅନୁଗୋଳ ବ୍ୟାଙ୍କ ଅଫ ବରୋଦା ଅଧିକାରୀ ପଲ୍ଲବୀ ମିଶ୍ର, ବଡକେରା ବ୍ୟାଙ୍କ ଅଧିକାରୀ ସୁଦେଷ୍ଣା ନାଏକ, ପାଇକ ସାହି ଶାଖା ପରିଚାଳକ ପ୍ରତାପ କିଶୋର ଭଞ୍ଜଦେଓ, ଜାମୁନାଳି ଶାଖା ପରିଚାଳକ ସୁରେଶ ଚନ୍ଦ୍ର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କରତପଟା ଶାଖାର ୩୮ଟି, ପାଇକ ସାହିର ୧୭, ବଡକେରାର ୯, ଜାମୁନାଳିର ୫ ଓ ଅନୁଗୋଳର ୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ କୋଟି ୪୮ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।

## ଷ୍ଟେଶନର ଅତ୍ୟାଧୁନିକୀକରଣ ଦାବି

**ଅନୁଗୋଳ ଅଫିସ,୨୨।୯**

ଅନୁଗୋଳ ଜିଲାର ଅନୁଗୋଳ ରେଳଷ୍ଟେଶନ ଦେଇ ଦୈନିକ ସହସ୍ରାଧିକ ଟନ୍ କୋଇଲା ଓ ଅନ୍ୟ ସାମଗ୍ରୀ ପରିବହନ ହେଉଥିଲେ ମଧ ଏହି ଷ୍ଟେଶନର ଉନ୍ନତି ଦିଗରେ ଆବଶ୍ୟକ ଦୃଷ୍ଟି ଦିଆଯାଉ ନାହିଁ। ତେଣୁ ଏହି ଷ୍ଟେଶନର ଅତ୍ୟାଧୁନିକୀକରଣ ନିମନ୍ତେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ରେଳମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୯ ଦଫା ଦାବିପତ୍ର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ନୂଆଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟରେ ଭେଟି ପ୍ରଦାନ କରିଛନ୍ତି। ଅନୁଗୋଳ ଷ୍ଟେଶନକୁ ବି-ଗ୍ରେଡ୍ ଘୋଷଣା, ଅନୁଗୋଳ ଦେଇ ସମ୍ବଲପୁର-ହାୱଡା ମଧ୍ୟରେ ସାପ୍ତାହିକ ୨ଥର ଓ ବିଶାଖାପାଟଣା-ଅମୃତସର ମଧ୍ୟରେ ଦୈନିକ ରେଳ ଚଳାଚଳ, ସବୁ ପ୍ଲାଟଫର୍ମରେ ୱେଷ୍ଟର୍ନ ଛତା ସେଡ, ପାଦଚଲା ଓଭର ବ୍ରିଜର ନିର୍ମାଣ, ପାନୀୟ ଜଳର ସୁବିଧା, ଷ୍ଟେଶନ ଭିତରେ ଡିସପେନସରୀ ବ୍ୟବସ୍ଥା, ଷ୍ଟେଶନ ରାସ୍ତାକୁ ପିଡବ୍ଲ୍ୟୁଡି ରାସ୍ତା ସହ ସଂଯୋଗ, ପାର୍ସଲ ବୁକିଙ୍ଗ ଓ କୋଚ ଡିସ୍‌ପ୍ଲେ ସୁବିଧା ପାଇଁ ଦାବି କରାଯାଇଛି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ପାଲଲହଡା,୨୨।୯(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ନିଜିଗଡ଼ ପଞ୍ଚାୟତ ବଧମୁଣ୍ଡା ଗ୍ରାମର ସନ୍ତୋଷ ମହାନ୍ତ (୩୬) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସନ୍ତୋଷ ସକାଳେ ଶୌଚ ହେବାକୁ ନିକଟସ୍ଥ ନାଳକୁ ଯାଇଥିବାବେଳେ ହଠାତ ଏକ ଭାଲୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଥିଲେ। ପୋଲିସ ଏବଂ ଡାକ୍ତରୀ ରିପୋର୍ଟ ମିଳିବା ପରେ ସହାୟତା ଯୋଗାଇ ଦିଆଯିବ ବୋଲି ପାଲଲହଡା ବନପାଳ ଭୀମସେନ ଶତପଥୀ ସୂଚନା ଦେଇଛନ୍ତି।

## ଠିକା ଶ୍ରମିକଙ୍କ ବିକ୍ଷୋଭ

**ଅନୁଗୋଳ ଅଫିସ, ୨୨।୯**

ଏଆଇୟୁଟିୟୁସି ସହବନ୍ଧିତ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଅନୁଗୋଳ ଟିପିସିଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଅଫିସ୍ ସମ୍ମୁଖରେ ଠିକା ଶ୍ରମିକମାନେ ବିକ୍ଷୋଭ କରିଛନ୍ତି। ଶ୍ୟାମ ଇଣ୍ଡସ ପାୱାର ସଲ୍ୟୁସନ୍ ପ୍ରା.ଲିଃ. ଅଧୀନରେ ଟିପିସିଓଡିଏଲ୍‌ରେ କାର୍ଯ୍ୟରତ ମିଟର ରିଡର ଓ ବିଦ୍ୟୁତ୍ ବିଲ୍ ସଂଗ୍ରହକାରୀଙ୍କୁ ୨ ମାସର ବକେୟା ଦରମା ପ୍ରଦାନ, ୭ ତାରିଖ ମଧ୍ୟରେ ଦରମା ଦେବା ଆଦି ଦାବିରେ ବିକ୍ଷୋଭ କରାଯାଇଥିଲା। ଶତାଧିକ ମିଟର ରିଡର ଓ ବିଦ୍ୟୁତ୍ ବିଲ୍ ସଂଗ୍ରହକାରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ମାନସ ପାଳଙ୍କ ସଭାପତିତ୍ୱରେ ୟୁନିୟନର ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ଦୀପକ କୁମାର ସିଂ ପ୍ରମୁଖ ଏକ ପ୍ରତିନିଧିମଣ୍ଡଳୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ନବମ ଦ୍ୱିବାର୍ଷିକ ସାଧାରଣ ବୈଠକ

**ତାଳଚେର,୨୨।୯(ନି.ପ୍ର.)**

ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ତାଳଚେର ଶାଖାର ନବମ ଦ୍ୱିବାର୍ଷିକ ସାଧାରଣ ବୈଠକ ବୁଧବାର ତାଳଚେର ଠାରେ ଅନୁଷ୍ଠିତ ହୋଇଯାଇଛି। ଏସ୍. କେ. ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଏବଂ ତାଳଚେର ଶାଖା ଇନ୍‌ଚାର୍ଜ ଭି.ଏସ. ପ୍ରସାଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶାଖା ସମ୍ପାଦକ ସୌଭାଗ୍ୟ କୁମାର ପରିଡ଼ା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା। କମଳ ଲୋଚନ ସଭାପତି, ଏସ୍.କେ. ଦାସ କାର୍ଯ୍ୟକାରୀ ସଭାପତି, ମନୋଜ କୁମାର ବେହେରା ଏବଂ ପ୍ରତାପ କୁମାର ସାହୁ ଉପସଭାପତି, ସୌଭାଗ୍ୟ କୁମାର ପରିଡ଼ା ସମ୍ପାଦକ ରୂପେ ନିର୍ବାଚିତ ହୋଇଥିଲେ। ସେହିପରି ଅମରେନ୍ଦ୍ର ସ୍ୱାଇଁ, ଏ.କେ. ଦାସ, ସୁଧାଂଶୁ, ପ୍ରିୟରଞ୍ଜନ ତ୍ରିପାଠୀ, ଅଭିଷେକ କୁମାର, ରାଧାକ୍ରିଷ୍ଣନ, ସୁଶାନ୍ତ କୁମାର ସେଠୀ, ଏନ.କେ. ପୃଷ୍ଟି ବିଭିନ୍ନ ପଦପଦବୀ ପାଇଁ ନିର୍ବାଚିତ ହୋଇଥିଲେ। ଶାଖା ସମ୍ପାଦକ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ବାମୁର ରେଞ୍ଜ କାର୍ଯ୍ୟାଳୟ ଘେରାଉ

**ବଇଣ୍ଡା,୨୨।୯(ଡି.ଏନ.ଏ.)**



କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

କିଶୋରନଗର ବ୍ଲକ ବାମୁର ରେଞ୍ଜରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ଚାଷୀମାନେ ବାରମ୍ବାର କ୍ଷତିଗ୍ରସ୍ତ ହେଉଥିଲେ ମଧ ବନବିଭାଗ ହାତୀ ଘଉଡାଉ ନାହିଁ। ଫଳରେ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହାର ପ୍ରତିବାଦରେ ବୁଧବାର କିଶୋରନଗର ବ୍ଲକ ବାମୁର ରେଞ୍ଜ କାର୍ଯ୍ୟାଳୟକୁ ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ଘେରାଉ କରାଯାଇଛି। କମିଟି ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ବାମୁର ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଥିଲେ।

କମିଟି ପକ୍ଷରୁ କୁହାଯାଇଛି, ବାମୁର ରେଞ୍ଜ ଅଧୀନ ୨୦ରୁ ଅଧିକ ଗ୍ରାମରେ କିଛି ଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ନିକଟସ୍ଥ ଜଙ୍ଗଲରୁ ହାତୀମାନେ ଆସି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏ ନେଇ ରେଞ୍ଜ କାର୍ଯ୍ୟାଳୟକୁ ସୂଚନା ଦେଲେ ମଧ ସୁଫଳ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ବନବିଭାଗ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତଙ୍କୁ ଶୀଘ୍ର କ୍ଷତିପୂରଣ ଯୋଗାଇଦେବା ସହ ହାତୀ ଘଉଡାଇବା ପାଇଁ ପଦକ୍ଷେପ ନେବାକୁ କମିଟି ସଭାପତି ଦୀନବନ୍ଧୁ ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ବିଜୟ ରଥ, କୈଳାସ ପ୍ରଧାନ, ବସନ୍ତ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଏ ନେଇ କମିଟି ପକ୍ଷରୁ ୩ ଦଫା ସମ୍ବଳିତ ଏକ ଦାବିପତ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଶୀଘ୍ର ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

## ପ୍ରସୂତି ମହିଳାଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୨୨।୯**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମଙ୍ଗଳବାର ପ୍ରସବ ପାଇଁ ଆସିଥିବା ଜଣେ ମହିଳାଙ୍କୁ କଟକ ନିଆଯିବା ବେଳେ ରାସ୍ତାରେ ମୃତ୍ୟୁ ହୋଇଯାଇଛି। ତାଙ୍କ ଅବସ୍ଥା ଅତ୍ୟନ୍ତ ଜଟିଳ ଥିଲା ବୋଲି ମେଡିକାଲ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି। ନାଲ୍‌କୋ ବାଙ୍କି ହଣ୍ଟିଂ ଅଞ୍ଚଳରେ ରହୁଥିବା ଅନପା ହେମ୍ବ୍ରମଙ୍କ ସ୍ତ୍ରୀ ମାଢ଼ା ହାଂସଦା(୨୦) ପ୍ରସବ ଯନ୍ତ୍ରଣା ପାଉଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ତେବେ ତାଙ୍କର ଉଚ୍ଚ ରକ୍ତଚାପ ଓ ଅନ୍ୟ ସମସ୍ୟା ଥିବାରୁ କଟକ ରେଫର କରାଯାଇଥିଲା। ହେଲେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

